# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 8 April - 2024

*********************************

## ସୁବିଧା ପୋର୍ଟାଲ-ଓଡ଼ିଶା

ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀଙ୍କୁ ସହଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ତରଫରୁ ସୁବିଧା ପୋର୍ଟାଲ ପ୍ରଚଳନ କରାଯାଇଛି। ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ବିଗତ ୨୦ ଦିନ ମଧ୍ୟରେ ସୁବିଧା ପୋର୍ଟାଲରେ ୭୩ ହଜାରରୁ ଅଧିକ ଆବେଦନ କରାଯାଇଛି। ସେଥିମଧ୍ୟରୁ ୪୪ ହଜାର ୬୦୦ରୁ ଅଧିକ ଅନୁରୋଧକୁ କମିଶନ ଅନୁମୋଦନ କରିଛନ୍ତି। ସୁବିଧା ପୋର୍ଟାଲରେ ଓଡ଼ିଶାରୁ ୯୨ଟି ଆବେଦନ କରାଯାଇଛି । ନିର୍ବାଚନ ପ୍ରଚାର ସମୟର ଗୁରୁତ୍ୱ ଅନୁସାରେ ସୁବିଧା ପୋର୍ଟାଲ ପ୍ରାଥମିକତା ଭିତ୍ତିରେ ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କର ଅନୁମତି, ଅନୁରୋଧକୁ ପୂରଣ କରାଯାଇଥାଏ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଜି ୩୩ତମ ସମାବର୍ତ୍ତନ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ଡିଲିଟ୍, ଡକ୍ଟରେଟ୍ ଡିଗ୍ରୀ ଏବଂ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।

## ମେଡ଼ିକାଲ କଲେଜ ପିଜି ସିଟ୍

ରାଜ୍ୟର ୪ଟି ସରକାରୀ ମେଡ଼ିକାଲ କଲେଜ କୋରାପୁଟ, ବଲାଙ୍ଗୀର, ବାରିପଦା ଏବଂ ବାଲେଶ୍ୱରରେ ସ୍ନାତକୋତ୍ତର, ପିଜି ପାଠ୍ୟକ୍ରମ ଆରମ୍ଭ ହେବ । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଜାତୀୟ ମେଡ଼ିକାଲ କମିଶନଙ୍କ ଅନୁମତି ଲୋଡାଯାଇଛି । ଏହି ୪ ମେଡ଼ିକାଲ କଲେଜର ଅଧ୍ୟାପକ ସ୍ଥିତି ଓ ଅନୁଧ୍ୟାନ କରାଯାଇ ପିଜି ସିଟ୍ ସଂଖ୍ୟା ସ୍ଥିର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

## ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକ କଳାବଜାରୀ

ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ - ଏନ୍.ସି.ଇ.ଆର୍.ଟି ପକ୍ଷରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ବିଭିନ୍ନ ଶ୍ରେଣୀର ପାଠ୍ୟପୁସ୍ତକ ଗୁଡ଼ିକୁ ଅସାଧୁ ଉପାୟରେ ମୁଦ୍ରଣ କରି କେତେକ ପ୍ରକାଶକ ବିକ୍ରୟ କରୁଥିବା ନଜରକୁ ଆସିଛି ବୋଲି ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ କହିଛନ୍ତି । ଏହି ପାଠ୍ୟପୁସ୍ତକ ଗୁଡ଼ିକୁ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ କରି ପୁସ୍ତକ ପ୍ରକାଶନ କରି ବିକ୍ରି କରାଯାଉଥିବାରୁ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କପିରାଇଟ୍ ଆଇନ୍-୧୯୫୭ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ କହିଛନ୍ତି । ଯଦି କୌଣସି ବ୍ୟକ୍ତି କିମ୍ବା ଛାତ୍ରଛାତ୍ରୀ ଏପରି ଅସାଧୁ ଉପାୟରେ ପ୍ରସ୍ତୁତ ପୁସ୍ତକର ସନ୍ଧାନ ପାଇଥାନ୍ତି ତେବେ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି ।

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆଜିଠାରୁ ସକାଳୁଆ କାର୍ଯ୍ୟ ଆରମ୍ଭ ହୋଇଛି । ପୂର୍ବାହ୍ନ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଗୁଡ଼ିକ ଖୋଲିଛି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରତି ରହିବ ବୋଲି ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି ।

## ଜାତୀୟ ଅର୍ଥ କମିଶନ-ମନୋଜ ପଣ୍ଡା

କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ମାଲିଗୁଡା ଗ୍ରାମର ଡକ୍ଟର ମନୋଜ ପଣ୍ଡାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଷୋଡଶ ଜାତୀୟ ଅର୍ଥ କମିଶନର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି । ଡକ୍ଟର ପଣ୍ଡା ପୂର୍ବରୁ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ସରେ ପ୍ରଫେସର ଏବଂ ନୂଆଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଗ୍ରୋଥ୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ ।

## କଟକ-ଜଣ୍ଡିସ୍

କଟକର ରାଜେନ୍ଦ୍ରନଗର ଅଞ୍ଚଳରେ ଜଣ୍ଡିସ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କଟକ ସଦର ଅଞ୍ଚଳରେ ସ୍ୱାସ୍ଥ୍ୟ

ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଦଳ ସଂପୃକ୍ତ ଅଞ୍ଚଳରେ ପାନୀୟଜଳ, ରକ୍ତନମୂନା ସଂଗ୍ରହ କରିଛନ୍ତି । ସେହିପରି ସଂପୃକ୍ତ ଅଞ୍ଚଳରେ ପରିମଳ ବ୍ୟବସ୍ଥା ଉପରେ ଦୃଷ୍ଟିଦେବାକୁ କଟକ ପୌର ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ସଂପୃକ୍ତ ଅଞ୍ଚଳରେ ଦୁଇଦିନ ମଧ୍ୟରେ ସଂଗ୍ରହ କରାଯାଇଥିବା ୪୭ ନମୂନା ମଧ୍ୟରୁ ୧୧ଜଣଙ୍କ ଠାରେ ଜଣ୍ଡିସ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସୂର୍ଯ୍ୟୋପରାଗ

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଆଜି ଦୃଶ୍ୟମାନ ହେବ । ଏହା ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିବାରୁ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଏହି ସୂର୍ଯ୍ୟୋପରାଗ ଅତ୍ୟନ୍ତ ସୁନ୍ଦର ଏବଂ ବିରଳ ହେବ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ । ଭାରତୀୟ ସମୟ ଆଜି ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ ମିନିଟ୍‌ରେ ଶେଷ ହେବ । ସର୍ବାଧିକ ପରାଗ ରାତି ୧୧ଟା ୪୭ ମିନିଟ୍ ସମୟରେ ଦୃଶ୍ୟମାନ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଅନୁମାନ କରିଛନ୍ତି ।

## ଜଙ୍ଗଲ ନିଆଁ

ରାଜ୍ୟର କୋରାପୁଟ, ଭବାନୀପାଟଣା ଓ ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ୨୫୬ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଛି ।

**ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ**ର ତଥ୍ୟ ଅନୁସାରେ ଗତକାଲି ଅପରାହ୍ଣ ସାଢ଼େ ଗୋଟାଏ ସୁଦ୍ଧା ରାଜ୍ୟର ୨୮୪ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ୧୫୦ରୁ ଅଧିକ ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିଲା । କାଳବୈଶାଖୀ ଏବଂ ବନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯୋଗୁଁ ୮୫ ପ୍ରତିଶତ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିଛି । ସୂଚନାଯୋଗ୍ୟ ଗତ ମାର୍ଚ୍ଚ ମାସରେ ଦେଶରେ ୫୮ହଜାର ୮୦୦ରୁ ଅଧିକ ସ୍ଥାନରେ ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ବେଳେ ଚଳିତ ମାସର ଗତକାଲି ସୁଦ୍ଧା ୨୨ହଜାର ୬୦୦ଟି ସ୍ଥାନରେ ଦେଶର ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟରେ କୁହାଯାଇଛି ।

# ପାଣିପାଗ

କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବରେ ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ରାୟଗଡା, କୋରାପୁଟ, ମାଲକାନଗିରି ଜିଲ୍ଲା ସହିତ ରାଜ୍ୟର ଅନ୍ୟକେତେକ ସ୍ଥାନରେ ଝଡ଼ତୋଫାନ, ବର୍ଷା ଓ ବଜ୍ରପାତର ସମ୍ଭାବନା ଅଛି । କାଳବୈଶାଖୀ ଯୋଗୁଁ ଗତକାଲି ମାଲକାନଗିରିକୁ ଛାଡିଦେଲେ ରାଜ୍ୟର ସବୁ ଅଞ୍ଚଳର ତାପମାତ୍ରା ୪୦ଡିଗ୍ରୀରୁ କମ୍ ଥିଲା । ଆଜି ସକାଳୁ ପାଗ ମେଘୁଆ ରହିଛି ଏବଂ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଯାଇଛି ।